**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାର କୋକସରା, ଧର୍ମଗଡ ଓ ଗୋଲାମୁଣ୍ଡା ତହସିଲ ଅନ୍ତର୍ଗତ ୨୭ ଟି ଗ୍ରାମରେ "ବିଜୁ ଏକ୍ସପ୍ରେସୱେ" ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ତା-୦୮.୧୨.୨୦୨୧ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଅନୁଷ୍ଠିତ ବୈଠକ ବିବରଣୀ ଏବଂ ସୁପାରିଶ ରିପୋର୍ଟ ।**

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାର କୋକସରା, ଧର୍ମଗଡ ଓ ଗୋଲାମୁଣ୍ଡା ତହସିଲ ଅନ୍ତର୍ଗତ ୨୭ ଟି ଗ୍ରାମରେ "ବିଜୁ ଏକ୍ସପ୍ରେସୱେ" ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ବୈଠକ ଉପ-ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପରିଚାଳନା, କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୦୧- ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ), କଳାହାଣ୍ଡି - ଅଧ୍ୟକ୍ଷ

୦୨- ଉପ-ଜିଲ୍ଲାପାଳ, ଧର୍ମଗଡ - ଆବାହକ

୦୩- ତହସିଲଦାର, କୋକସରା - ସଦସ୍ୟ

୦୪- ତହସିଲଦାର, ଧର୍ମଗଡ - ସଦସ୍ୟ

୦୫- ତହସିଲଦାର, ଗୋଲାମୁଣ୍ଡା - ସଦସ୍ୟ

୦୬- ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋକସରା - ସଦସ୍ୟ

୦୭- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧର୍ମଗଡ - ସଦସ୍ୟ

୦୮- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଲାମୁଣ୍ଡା - ସଦସ୍ୟ

୦୯- ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି - ସଦସ୍ୟ

୧୦- ଡକ୍ଟର ଅଜୟ କୁମାର ମିଶ୍ର, ଅବସର ପ୍ରାପ୍ତ ରିଡର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୧୧- ଶ୍ରୀ ଜୟଧର ଶତନାମୀ, ଅବସର ପ୍ରାପ୍ତ ରିଡର, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୧୨- ସରପଞ୍ଚ, ମହିମା ଗ୍ରାମପଞ୍ଚାୟତ - ସଦସ୍ୟ

୧୩- ସରପଞ୍ଚ, ଗଡିଆକୋର ଗ୍ରାମପଞ୍ଚାୟତ - ସଦସ୍ୟ

୧୪- ସରପଞ୍ଚ, ଗୋଲାମୁଣ୍ଡା ଗ୍ରାମପଞ୍ଚାୟତ - ସଦସ୍ୟ

୧୫- ସରପଞ୍ଚ, ଖାଲିଆକାନି ଗ୍ରାମପଞ୍ଚାୟତ - ସଦସ୍ୟ

୧୬- ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି

୧୭- ଶ୍ରୀ ରମାକାନ୍ତ ମିଶ୍ର, ଦଳମୁଖ୍ୟ, ଆର.ଆଇ.ସି.ଓ.ଆର (Team Leader, RICOR)

୧୮- ସରପଞ୍ଚ, ଆମ୍ବପାଣି ଗ୍ରାମପଞ୍ଚାୟତ

୧୯- ସରପଞ୍ଚ, ଖୁଣ୍ଟିଆ ଗ୍ରାମପଞ୍ଚାୟତ

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତଥା ବିଶେଷଜ୍ଞ କମିଟିର ଅଧକ୍ଷ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସମ୍ୟକ ସୂଚନା ପ୍ରଦାନ କଲେ ।

ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି ପ୍ରକଳ୍ପର ଭୌଗଳିକ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ସବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଯାଇ କହିଲେ :- କଳାହାଣ୍ଡି ଜିଲ୍ଲାର ତିନୋଟି ବ୍ଲକ ଯଥା କୋକସରା, ଧର୍ମଗଡ ଓ ଗୋଲାମୁଣ୍ଡା ପଞ୍ଚାୟତ ସମିତିରେ ନିର୍ମାଣ କରାଯିବ । ଉକ୍ତ ପଞ୍ଚାୟତର ମୋଟ ୨୭ ଖଣ୍ଡ ଗ୍ରାମ ପ୍ରଭାବିତ ହେବ ଏବଂ ଏଥିନିମନ୍ତେ ୫୨.୧୬୩ ଏକର ଜମି ଅଧିଗ୍ରହଣ କରାଯିବ ।

କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସୱେ" ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧୟନ କରାଯାଇଛି । ଯେଉଁଥିପାଇଁ ୨୭ ଟି ଗ୍ରାମର ୨୩୪ ଟି ପରିବାରର ସର୍ବେକ୍ଷଣ କରାଯାଇଛି । ପାରିବାରିକ ସର୍ଭେ ବ୍ୟତୀତ ସମ୍ବଳ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ମୁଖ୍ୟ ତଥ୍ୟ ପ୍ରଦାନକାରୀଙ୍କ ସାକ୍ଷାତ କାର ଆଦି କୌଶଳ ବ୍ୟବହାର କରଯାଇ ପ୍ରକଳ୍ପ ପ୍ରଭାବିତ ଲୋକଙ୍କଠାରୁ ଥଇଥାନ, ପୁନଃର୍ବାସ ଓ ପ୍ରଚଳିତ ଆଇନ ଅନୁସାରେ କ୍ଷତିପୂରଣ ସମ୍ବନ୍ଧରେ ପ୍ରତିକ୍ରିୟା ହାସଲ କରାଯାଇଛି ।

ପ୍ରକଳ୍ପ ନିର୍ମାଣ ସମୟରେ ସାମୟିକ/ଅସ୍ଥାୟୀ ଶ୍ରମିକ, ପାଣି ପାଇପ ଶ୍ରମିକ ଏବଂ ଯନ୍ତ୍ରି ମାନଙ୍କ ସହିତ ବହୁ ସଂଖ୍ୟକ ଶ୍ରମିକ ମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ନିର୍ମାଣ ସ୍ଥଳରେ କାର୍ଯ୍ୟ କରିବାର ଆଶା କରାଯାଏ । ନିର୍ମାଣ ସମୟରେ ଅନେକ ଅର୍ଦ୍ଧକୁଶଳୀ, ଅଣକୁଶଳୀ ଏବଂ ଆନୁଷ୍ଠାନିକ କର୍ମଚାରୀମାନେ ଲାଭଜନକ ନିଯୁକ୍ତି ସବୁ ପାଇବାର ଆଶା କରାଯାଏ । ନିଯୁକ୍ତି ସୁଯୋଗର ଉପଲବ୍ଧତା ଓ ମାଲପତ୍ର ଓ ସେବାର ଦାବି ହେତୁ ପ୍ରଭାବଟି **ସକାରାତ୍ମକ** ହେବ ବୋଲି ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ମତ ପ୍ରକାଶ କଲେ ।

ଉପରୋକ୍ତ ବିଷୟ ସବୁ ଆଲୋଚନା କଲାପରେ କମିଟି ନିମ୍ନଲିଖିତ କେତେକ ମୁଖ୍ୟ ବିଷୟ ବସ୍ତୁ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ ବୋଲି ସୁପାରିଶ କଲେ ।

**କ୍ଷତିପୂରଣ ପ୍ରଦାନ**:- ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ଯାହା ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ।

**ନିଯୁକ୍ତି**:- ପ୍ରଭାବିତ ପରିବାର ଓ ସ୍ଥାନୀୟ ଲୋକମାନଙ୍କୁ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବାପାଇଁ ପ୍ରକଳ୍ପ ଅଧିକାରୀମାନେ ଯତ୍ନବାନ ହେବା ଉଚିତ ।

**ବୃକ୍ଷ ରୋପଣ ଓ ଗାର୍ଡୱାଲ ନିର୍ମାଣ**:- ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନୂତନ ଭାବରେ ନିର୍ମାଣ ହେଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ତଥା ଅବଶ୍ୟକସ୍ଥଳେ ଗାର୍ଡୱାଲ ନିର୍ମାଣ ପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

**ଜଳବନ୍ଦୀ ସମସ୍ୟା**:- ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଜଳବନ୍ଦୀ ସମସ୍ୟା ସମାଧାନ ପାଇଁ ପ୍ରଶସ୍ତ ନାଳୀ ନିର୍ମାଣ କରିବାର ଆବଶ୍ୟକତା ରହିଛି ।

**ଜଳସେଚନ**:- ରାସ୍ତା ନିର୍ମାଣ ଦ୍ୱାରା ପ୍ରଭାବିତ ପାର୍ଶ୍ୱବର୍ତ୍ତୀ ଜମିଗୁଡ଼ିକ ଯେଉଁଠି ଜଳସେଚନର ଆବଶ୍ୟକତା ରହିଛି ଉକ୍ତ ଜମିରେ ଏଲ. ଆଇ. ପଏଣ୍ଟ ନିର୍ମାଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ବିଭାଗଙ୍କ ଦ୍ୱାରା ସରକାରଙ୍କର ନିୟମମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

**ଗୋରୁଗାଈଙ୍କ ସୁରକ୍ଷା ଓ ଆକସ୍ମିକ ଦୁର୍ଘଟଣା**:- ଗୋରୁଗାଈଙ୍କ ଦୁର୍ଘଟଣାକୁ ଏଡାଇବାପାଇଁ ରାସ୍ତାର ଉଭୟପାର୍ଶ୍ୱରେ ସଡକ ସୁରକ୍ଷା ରେଲିଙ୍ଗ ଏବଂ ଲୋକମାନଙ୍କ ଆକସ୍ମିକ ଦୁର୍ଘଟଣାରୁ ରକ୍ଷା ପାଇବାପାଇଁ ଗତି ଅବରୋଧକ (ହମ୍ପ), ବାଇପାସ ରାସ୍ତା, ସାବଧାନ ସୂଚନା ଫଳକ, ଜରୁରୀକାଳିନ ଲେଣ୍ଡିଙ୍ଗ ଏରିଆ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ଅଧିକାରୀମାନେ ଦ୍ରୁଷ୍ଟି ଦେବା ଆବଶ୍ୟକ ।

ଲୋକମାନଙ୍କୁ କେତେକ ସାଧାରଣ ସୁବିଧା ସୁଯୋଗ ଯଥା :- **ନଳକୂପ ଖନନ**, **ରାସ୍ତା ଆଲୋକିକରଣ**, **କ୍ଲବଘର ନିର୍ମାଣ**, **ଭାଗବତ ଟୁଙ୍ଗି** ଓ **ଡାକ୍ତରଖାନା** ସୁବିଧା ଆଦି ଗ୍ରାମରେ ଯୋଗାଇଦେବା ଉଚିତ ।

ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ଓ ଶ୍ରୀ ଜୟଧର ଶତନାମୀ ନିଜର ମତାମତ ଦେବାକୁ ଯାଇ କହିଲେ :- **ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ଅନେକ ଉପକାରୀ ପ୍ରଭାବ ରହିଛି** । ଅଞ୍ଚଳ ନିମନ୍ତେ ପ୍ରସ୍ତାବିତ ଶକ୍ତି, କଳ କାରଖାନା ଏବଂ ଖଣିଜ କ୍ଷେତ୍ରରେ କାର୍ଯ୍ୟକ୍ରମର ବୃଦ୍ଧି ହେତୁ ଉତ୍ପନ୍ନ ହେବାକୁଥିବା ଯାନବାହାନର ଭିଡର ପରିମାଣକୁ ଏହି ରାସ୍ତା ସମ୍ଭାଳିବାକୁ ସକ୍ଷମ ହେବ । ଏହା ଯାତାୟାତ ସମୟ, ଯାନବାହାନ ଚଳାଚଳ ଗତ ବାୟୁ ପ୍ରଦୂଷଣ, ଦୁର୍ଘଟଣା ଆଦି ହ୍ରାସ କରିବାରେ ସକ୍ଷମ ହେବ । ପରିବର୍ଦ୍ଧିତ ଗମନାଗମନ ବ୍ୟବସ୍ଥା ତଥା ଉତ୍ତମ ଉପଲବ୍ଧି ଏବଂ ରାସ୍ତାର ଆଖପାଖ ଅଞ୍ଚଳରେ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ । ଜନସାଧାରଣ ସମ୍ପତ୍ତି ଯଥା - ମନ୍ଦିର, ସମାଧିଗୃହ, ବିଦ୍ୟାଳୟ ପ୍ରଭାବିତ ହେଉଥିଲେ, ସେଗୁଡିକର ପୁନଃନିର୍ମାଣ ନିମନ୍ତେ ମତ ଦେଲେ । ଜମି ହରାଉଥିବା ପରିବାରକୁ ଜୀବିକା ନିର୍ବାହ ନିମିତ୍ତ ପ୍ରଶିକ୍ଷଣ ଦେବା ଲାଗି ମତ ବ୍ୟକ୍ତ କଲେ । ପୁନଶ୍ଚ, ଜମି ହରାଉଥିବା ପରିବାରର ଅନ୍ୟତ୍ର ରହୁଥିବା ଉତ୍ତରାଧିକାରୀମାନେ କ୍ଷତିପୂରଣ ନେବାପାଇଁ ଆସିପାରୁନାହାନ୍ତି, ତେଣୁ ସେମାନଙ୍କପାଇଁ ଭୂ-ଅଧିଗ୍ରହଣ ନିୟମାନୁସାରେ ବିକଳ୍ପ ବ୍ୟବସ୍ଥା କରାଯିବା ଉଚିତବୋଲି କହିଲେ ।

**ନିଯୁକ୍ତି ସୁବିଧା ସୁଯୋଗ ଏବଂ ସେବା ତଥା କଞ୍ଚାମାଲ ସବୁ ପ୍ରତି ଚାହିଦା ବୃଦ୍ଧି ହେତୁ ପ୍ରଭାବଟି ସକାରାତ୍ମକ ଅଟେ । ପ୍ରକଳ୍ପର କାର୍ଯ୍ୟକ୍ଷମ ପର୍ଯ୍ୟାୟରେ ଘଟିବାକୁ ଯାଉଥିବା ପ୍ରଭାବ ଗୁଡିକ ଦୀର୍ଘକାଳୀନ ହେବ** । ସ୍ଥାନୀୟ ବଜାର ଦର ଅନୁସାରେ ଉପଯୁକ୍ତ କ୍ଷତିପୂରଣ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକମାନଙ୍କୁ ନିଯୋଜିତ କରାଯାଉ ବୋଲି ଉପସ୍ଥିତ ସରପଞ୍ଚମାନେ ମତ ଦେଲେ ।

**ସରପଞ୍ଚମାନଙ୍କ ଦାବି /ପ୍ରସ୍ତାବ** :-

ଏହି ସଭାରେ ବିଜୁ ଏକ୍ସପ୍ରେସୱେ ନିର୍ମାଣ ନିମନ୍ତେ କଳାହାଣ୍ଡି ଜିଲ୍ଲାର କୋକସରା, ଧର୍ମଗଡ ଓ ଗୋଲାମୁଣ୍ଡା ତହସିଲର ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଗୁଡିକର ସରପଞ୍ଚମାନେ ନିଜର ଦାବି/ପ୍ରସ୍ତାବ ନିମ୍ନମତେ ଉପସ୍ଥାପନ କଲେ, ସେମାନଙ୍କ ମୁଖ୍ୟ ଦାବି/ପ୍ରସ୍ତାବ ଗୁଡିକ ହେଲା :-

୦୧- ସାନ ପୋଡାଗୁଡା ଗ୍ରାମର ପ୍ରଭାବିତ ପଞ୍ଚାୟତଗୃହର ପୁନଃନିର୍ମାଣ ।

୦୨- ବେହେରା ଗ୍ରାମ ପଞ୍ଚାୟତସ୍ଥିତ ବେହେରା ଗ୍ରାମର ଉଚ୍ଚବିଦ୍ୟାଳୟର ନବୀକରଣ/ ଭଙ୍ଗାଡଙ୍ଗରୀରେ ବିଶ୍ରାମସ୍ଥଳିର ନିର୍ମାଣ/ବେହେରା କ୍ରସିଂରେ ବସଷ୍ଟାଣ୍ଡ ନିର୍ମାଣ/ ବେହେରା ଗ୍ରାମର ଗୋରୁ ବଜାରର ବିକାଶ ।

୦୩- ଗୋତମୁଣ୍ଡା ଗ୍ରାମ ପଞ୍ଚାୟତର ଗୋତମୁଣ୍ଡାସ୍ଥିତ ବସଷ୍ଟାଣ୍ଡରେ ବିଶ୍ରାମସ୍ଥଳି ନିର୍ମାଣ/ ବିଜୁ ଏକ୍ସପ୍ରେସ୍ୱେରୁ ମଣ୍ଡି ପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ ।

୦୪- ଗଡିଆଜୋର ଗ୍ରାମରେ ଅବସ୍ଥିତ ଦାଦିସାଗର ପୋଖରୀର ନବୀକରଣ/ କ୍ରସିଂରେ ବସଷ୍ଟାଣ୍ଡ ନିର୍ମାଣ/ ପିପଳା କ୍ରସିଂରେ ବସଷ୍ଟାଣ୍ଡ ନିର୍ମାଣ/ ୩୩ କେ.ଭି ବିଦ୍ୟୁତ ତାରର ସ୍ଥାନାନ୍ତିକରଣ / ଗଡିଆଜୋରରେ ପାର୍କର ନିର୍ମାଣ ।

୦୫- ବ୍ରାହ୍ମଣଛେଣ୍ଡିଆ ଗ୍ରା.ପ. ର ଚିଲଚିଲା ଗ୍ରାମର ଛକର ବିକାଶ ଓ ସୌନ୍ଦର୍ଯ୍ୟକରଣ/ ପ୍ରଭାବିତ ପରିବାର ଗୁଡିକର ଜମି ଅଧିଗ୍ରହଣ ପରେ ବଳକାଥିବା ୫ ଡେସିମିଲି ପର୍ଯ୍ୟନ୍ତ ପର୍ଯ୍ୟାପ୍ତ କ୍ଷତିପୂରଣ ସହିତ ଜମି ଅଧିଗ୍ରହଣ କରାଯିବା ଉଚିତ ।

୦୬- ଖମାରହଳଦୀ ଗ୍ରା.ପ. ର ଜମି ପ୍ରଭାବିତ ଅଞ୍ଚଳରେ କେନାଲର ନବୀକରଣ ।

୦୭- ବୃନ୍ଦାବାହାଲ ଗ୍ରା.ପ. ର ଯେଉଁମାନଙ୍କର ବାସଗୃହ ସହିତ ଦୋକାନ ଗୃହ ମଧ୍ୟ ପ୍ରଭାବିତ ହୋଇଛି ସେମାନଙ୍କୁ ପୁନଃଥଇଥାନ କରିବା ପାଇଁ ଏକ ନୂତନ ବଜାର କମ୍ପ୍ଲେକ୍ସ ନିର୍ମାଣ ଓ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯିବା ଉଚିତ/ ଛକ ଜାଗାରେ ବିଶ୍ରାମସ୍ଥଳି, ଅଣ୍ଡର ବ୍ରିଜ/ଓଭର ବ୍ରିଜ ନିର୍ମାଣ ।

୦୮- ଖାଲିଆକାନି ଗ୍ରା.ପ. ର ଯେଉଁମାନଙ୍କର ଦୋକାନ ଭାଙ୍ଗିଯାଇଛି ସେମାନଙ୍କୁ ପୁନଃଥଇଥାନ କରିବା ପାଇଁ ଏକ ନୂତନ ବଜାର କମ୍ପ୍ଲେକ୍ସ ନିର୍ମାଣ/ ଅଣ୍ଡର ବ୍ରିଜ/ଓଭର ବ୍ରିଜ ନିର୍ମାଣ/ ଖାଲିଆକାନିରେ ବସଷ୍ଟାଣ୍ଡ ଓ ବିଶ୍ରାମସ୍ଥଳି ନିର୍ମାଣ/ ପାନୀୟଜଳର ବ୍ୟବସ୍ଥା/ ପ୍ରଭାବିତ ଶ୍ମଶାନ ଓ ଦେବୀଘର ପାଇଁ ବିକଳ୍ପ ବ୍ୟବସ୍ଥା ଏବଂ ବଳକା ଜମି ଅଧିଗ୍ରହଣ ।

୦୯- ଗୋଲାମୁଣ୍ଡା ଗ୍ରା.ପ. ର ଉଚ୍ଚବିଦ୍ୟାଳୟ ନିକଟରେ ଏକ ପାର୍କ ନିର୍ମାଣ/ ଗୋଲାମୁଣ୍ଡା ଗ୍ରାମରେ ଲାଇବ୍ରେରୀ ହଲ, କମ୍ୟୁନିଟି ହଲ ଓ ବ୍ୟାୟାମଶାଳା ନିର୍ମାଣ/ ଗୋଲାମୁଣ୍ଡା ଠାରୁ କାଦଲିମୁଣ୍ଡା ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ ସୁବିଧା/ ଜଗନ୍ନାଥ ମନ୍ଦିରରୁ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଡ୍ରେନେଜ ସିଷ୍ଟମ ନିର୍ମାଣ/ନଳକୂପ ନିର୍ମାଣ/ ବିଦେଶୀ ମଦ ଦୋକାନର ସ୍ଥାନାନ୍ତିକରଣ/ ଡୁମୁରା ଠାରେ କ୍ରସିଂରୋଡ ସହିତ ଦୋକାନଗୃହ ନିର୍ମାଣ ।

କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବୀ ସମ୍ପର୍କରେ କମିଟି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ପରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ମତବ୍ୟକ୍ତ କଲେ ଯେ :- RFCTLA R&R Act'2013 ଯାହା ୨୦୧୪ ରୁ ଲାଗୁ କରାଯାଇଛି ତାହା ସମ୍ପୂର୍ଣ୍ଣରୂପେ ଏକ ଜନମଙ୍ଗଳକାରୀ ଆଇନ । ଏଥିରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇଛି । ତା' ସହ ପ୍ରକଳ୍ପ କ୍ଷତିଗ୍ରସ୍ତ ଲୋକମାନଙ୍କ ପୁନର୍ବାସ ଓ ଥଇଥାନକୁ ଅଗ୍ରାଧିକାର ଦିଆଯାଇଛି । ତେଣୁ ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ଆଇନ ଅନୁସାରେ ସମସ୍ତେ କ୍ଷତିପୂରଣର ଉଚିତ ମୂଲ୍ୟ ପାଇବେ ।

ତା'ଛଡା ଗ୍ରାମବାସୀମାନେ ଦେଇଥିବା ଅନେକ ଅଭିନବୀକରଣ କଳ୍ପନା ଗୁଡିକୁ କମିଟି ପକ୍ଷରୁ ସ୍ୱାଗତ କରାଗଲା, ଏବଂ ତନ୍ମଧ୍ୟରୁ ଅଧିକାଂଶ ପ୍ରସ୍ତାବପାଇଁ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ପୂର୍ବରୁ ଉଚିତ ପଦକ୍ଷେପ ନିଆଯାଇଛି ବୋଲି ପୂର୍ତ୍ତ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ କଲେ । ବଳକା ଅନ୍ୟାନ୍ୟ ପ୍ରସ୍ତାବ ଗୁଡିକପାଇଁ, ସମ୍ପୃକ୍ତ ସରପଞ୍ଚ ଓ ପ୍ରକଳ୍ପ ଅଧିକାରୀମାନେ ନିର୍ଦ୍ଦିଷ୍ଟ ବିଭାଗ ସହିତ ଯୋଗାଯୋଗ କରିବାପାଇଁ କମିଟିର ସଦସ୍ୟମାନେ ମତବ୍ୟକ୍ତ କଲେ । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ସେହି ଅଞ୍ଚଳର ଲୋକମାନେ ଓ ମୋଟାମୋଟି ଭାବରେ ଦେଖିବାକୁ କଳାହାଣ୍ଡି ବାସୀ ଅନେକ ଉପକୃତ ହେବେବୋଲି ସଦସ୍ୟମାନେ ମତ ପୋଷଣ କଲେ ।

କମିଟି ଦ୍ୱାରା ପ୍ରକଳ୍ପର ସମସ୍ତ ଦିଗ ଉପରେ ବିସ୍ତାର ଆଲୋଚନା ପରେ ସମସ୍ତେ ଏହି ନିର୍ଯ୍ୟାସରେ ଉପନୀତ ହେଲେ ଯେ :-

୦୧ - ଏହି ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳ ଓ ଅଞ୍ଚଳବାସୀ ଅନେକ ମାତ୍ରାରେ ଉପକୃତ ହେବେ ଏବଂ ସହରର ଆର୍ଥିକ ବିକାଶରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହେବ ।

୦୨- ଏବଂ ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ଓ ଅଞ୍ଚଳବାସୀଙ୍କୁ ମିଳୁଥିବା ଲାଭ ତୁଳନାରେ କ୍ଷତି ପରିମାଣ ଅତି ନଗଣ୍ୟ ।

ତେଣୁ ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଏହି ପ୍ରକଳ୍ପ ଏକାନ୍ତ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ, ତେଣୁ ଏଥିପାଇଁ ଭୂମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉବୋଲି କମିଟିର ସମସ୍ତ ସଦସ୍ୟ ଏକ ସ୍ୱରରେ କହିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସଦିଚ୍ଛା କାମନା କଲେ ।

ଶେଷରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ତଥା ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କଲେ ।

| | | |
|---|---|---|
| ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>କୋକସରା | ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>ଧର୍ମଗଡ | ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>ଗୋଲାମୁଣ୍ଡା |
| ତହସିଲଦାର<br>କୋକସରା | ତହସିଲଦାର<br>ଧର୍ମଗଡ | ତହସିଲଦାର<br>ଗୋଲାମୁଣ୍ଡା |

| | | | |
|---|---|---|---|
| Jayanu Mosh | Jugalkishorpujdr | | |
| ସରପଞ୍ଚ, ମହିମା<br>ଗ୍ରାମ ପଞ୍ଚାୟତ | ସରପଞ୍ଚ, ଗଡିଆଜୋର<br>ଗ୍ରାମ ପଞ୍ଚାୟତ | ସରପଞ୍ଚ, ଗୋଲାମୁଣ୍ଡା<br>ଗ୍ରାମ ପଞ୍ଚାୟତ | ସରପଞ୍ଚ, ଖଲିଆକାନି<br>ଗ୍ରାମ ପଞ୍ଚାୟତ |

| | |
|---|---|
| ଡ. ଅଜୟ କୁମାର ମିଶ୍ର,<br>ଅବସର ପ୍ରାପ୍ତ ରିଡର (ଭୂଗୋଳ),<br>ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, | ଶ୍ରୀ ଜୟଧର ଶତନାମୀ,<br>ଅବସର ପ୍ରାପ୍ତ ରିଡର (ଅର୍ଥନୀତି),<br>ସରକାରୀ ମହିଳା ମହାବିଦ୍ୟାଳୟ, |
| ଭୂ-ଅର୍ଜନ ଅଧିକାରୀ<br>କଳାହାଣ୍ଡି | ଅଧିକ୍ଷଣ ଯନ୍ତ୍ରି<br>ପୂର୍ତ୍ତ ବିଭାଗ,କଳାହାଣ୍ଡି |
| ଉପ-ଜିଲ୍ଲାପାଳ<br>ଧର୍ମଗଡ | ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ,<br>ବିଶେଷଜ୍ଞ କମିଟି , କଳାହାଣ୍ଡି |

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଳାହାଣ୍ଡି,ଭୂ-ଅର୍ଜନ ଶାଖା,ଭବାନୀପାଟଣା

**ଜ୍ଞାପକ ସଂଖ୍ୟା** 4386 **/ଭୂ-ଅର୍ଜନ** **ତାରିଖ -** 31/12/2021

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ଲେଖାଏଁ ନକଲ ଜିଲ୍ଲାପାଳ, କଳାହାଣ୍ଡି, ଉପ-ଜିଲ୍ଲାପାଳ, ଧର୍ମଗଡ, ତହସିଲଦାର, କୋକସରା/ଧର୍ମଗଡ/ଗୋଲାମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋକସରା/ ଧର୍ମଗଡ/ ଗୋଲାମୁଣ୍ଡା, ସମସ୍ତ ସମ୍ପୃକ୍ତ ଗ୍ରାମର ସରପଞ୍ଚଙ୍କ ଅବଗତି ତଥା ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ଲେଖାଏଁ ନକଲ ସମସ୍ତ ସମ୍ପୃକ୍ତ ଗ୍ରାମକୁ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

31/12/21

**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ଜ୍ଞାପକ ସଂଖ୍ୟା** 4387 **/ଭୂ-ଅର୍ଜନ** **ତାରିଖ -** 31/12/2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଜାତୀୟ ସୂଚନା କେନ୍ଦ୍ର, କଳାହାଣ୍ଡିଙ୍କ ଅବଗତି ନିମନ୍ତେ ତଥା ଉପୋରୋକ୍ତ ସୁପାରିଶ ରିପୋର୍ଟକୁ ଜିଲ୍ଲା ୱେବସାଇଟରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବା ପାଇଁ ପ୍ରେରଣ କରାଗଲା ।

31/12/21

**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ଜ୍ଞାପକ ସଂଖ୍ୟା** 4388 **/ଭୂ-ଅର୍ଜନ** **ତାରିଖ -** 31/12/2021

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡିର ସୂଚନା ଫଳକରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବା ପାଇଁ ପ୍ରେରଣ କରାଗଲା ।

31/12/21

**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

ଜ୍ଞାପକ ସଂଖ୍ୟା 4389 /ଭୂ-ଅର୍ଜନ ତାରିଖ - 31/12/2021

ଏହାର ଏକକିତା ନକଲ Co-ordinator, NCDS, Bhubaneswar ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

31/12/21

ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି,
ଭବାନୀପାଟଣା